# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 May - 2025**

# ଏନ୍ଆଇଏ ଥାନା ପ୍ରତିଷ୍ଠା

ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏର ଥାନା ଖୋଲିବ । ରାଜ୍ୟ ସରକାର ଏନ୍ଆଇଏ ଥାନା ପ୍ରତିଷ୍ଠା ପାଇଁ ଭୁବନେଶ୍ୱର ବାଣିବିହାର ନିକଟସ୍ଥ ଭିଏସ୍ଏସ୍ ନଗରଠାରେ ସ୍ଥାନ ଯୋଗାଇ ଦେଇଛନ୍ତି । ଏନ୍ଆଇଏ ଥାନା ଖୋଲିବା ସମ୍ପର୍କିତ ବିଜ୍ଞପ୍ତି ଗୃହ ବିଭାଗ ପକ୍ଷରୁ ପ୍ରକଶ ପାଇଛି । ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ରାଜ୍ୟ ସରକାର ଥାନା ପ୍ରତିଷ୍ଠା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ଜଣେ ଏସ୍ପି ପାହ୍ୟାର ଅଧିକାରୀ ଏନ୍ଆଇଏ ଥାନାର ମୁଖ୍ୟ ଭାବେ କାର୍ଯ୍ୟ କରିବେ ।

# ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠ ପରିବର୍ତ୍ତେ ୟୁନିଟ୍-୨ସ୍ଥିତ କ୍ୟାପିଟାଲ ନର୍ସରୀ ନିକଟସ୍ଥ ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଲୋକମାନଙ୍କର ଅଭିଯୋଗର ଶୁଣାଣି କରିବେ । ସୁରକ୍ଷା ଦୃଷ୍ଟିରୁ ଅଭିଯୋଗ ପ୍ରକୋଷ୍ଠକୁ ସ୍ଥାନାନ୍ତର କରାଯାଇଛି । ଆଜି ସକାଳ ୮ଟାରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟମାନେ ଲୋକଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିବେ । ଆଜିର ଶୁଣାଣି ପାଇଁ ଏକହଜାର ଲୋକ ଆଗରୁ ପଞ୍ଜିକରଣ

କରିସାରିଛନ୍ତି । ନୂଆ ଅଭିଯୋଗ ପ୍ରକୋଷ୍ଠରେ ଏକହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି ।

## ମୁଖ୍ୟମନ୍ତ୍ରୀ-ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ **ବୌଦ୍ଧ** ଜିଲା ଗସ୍ତ କରି ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ନୂଆ ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେସନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଓ ଖୁବ୍ ଶୀଘ୍ର ଏହିସବୁ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**-V/O-** *(CM)*

## ରବି ଧାନ ସଂଗ୍ରହ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚଳିତ ମାସ ପହିଲାରୁ ଆରମ୍ଭ ହୋଇଛି। ଖାଦ୍ୟ ଯୋଗାଣ ବିଭାଗର ସୂଚନା ଅନୁସାରେ, ୨୦ଟି ଜିଲ୍ଲାରେ ଧାନ ସଂଗ୍ରହ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୮୦ ପ୍ରତିଶତ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ଚଳିତ ରବିଋତୁରେ ୧୪ ଲକ୍ଷ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଗତବର୍ଷ ତୁଳନାରେ ଚଳିତବର୍ଷ ୨୨ ପ୍ରତିଶତ ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବାରୁ ଧାନ ସଂଗ୍ରହ ଅଧିକ ହେବା ନେଇ ଜିଲ୍ଲାପାଳମାନଙ୍କୁ ସୂଚନା ଦିଆଯାଇଛି। ଚଳିତବର୍ଷ ଭଦ୍ରକ, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାକୁ ରବି ଧାନ ବିକ୍ରି ପାଇଁ ସାମିଲ କରାଯାଇଛି।

# ଶ୍ରୀକ୍ଷେତ୍ର ଭଉଁରୀ

ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ରଥଖଳାରେ ଚକ-ଅଖ ଡେରା ଅନୁଷ୍ଠିତ ହେବ । ସକାଳ ଧୂପ ନୀତି ଶେଷ ହେବା ପରେ ଘଣ୍ଟ ଛତା ବିଜେ କାହାଳୀ ସହ ପଟୁଆରରେ ଆଜ୍ଞାମାଳ ବିଜେ ହେବ । ବିଧି ଅନୁଯାୟୀ ଆଜ୍ଞାମାଳକୁ ରଥଖଳାରେ ବିଜେ କରିବା ପାଇଁ ପ୍ରତି ରଥର ଦୁଇଟି ଚକରେ ଡେରାଯାଇଥିବା ଅଖ ଚକରେ ପ୍ରଦାନ କରାଯିବାର ପରମ୍ପରା ସମ୍ପାଦନ କରାଯିବ । ଆଜି ମଧ୍ୟ ବାହାର ଚନ୍ଦନ ଯାତ୍ରାର ଶେଷଦିନ ହୋଇଥିବାରୁ ନରେନ୍ଦ୍ର ପୁଷ୍କରିଣୀରେ ରାତ୍ରଚାପରେ ୨୧ ଘେରା ଜଳକ୍ରୀଡ଼ା ସହ ଭଉଁରୀ ବିଧି ଅନୁଷ୍ଠିତ ହେବ ।

# ୟୁ-ଟ୍ୟୁବର ପାକିସ୍ତାନ ଲିଙ୍କ୍

ପାକିସ୍ତାନକୁ ଗୋପନ ତଥ୍ୟ ଦେଇଥିବା ସନ୍ଦେହରେ ଗିରଫ ହୋଇଥିବା ହରିୟାଣାର ୟୁ-ଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପୁରୀର ୟୁ-ଟ୍ୟୁବର ପ୍ରିୟଙ୍କା ସେନାପତି ପୁରୀ ବୁଲିବାରେ ସହଯୋଗ କରିଥିବା ଜଣାପଡିଛି । ପୁରୀ କାଳିକାଦେବୀ ସାହିର ପ୍ରିୟଙ୍କା ମଧ୍ୟ ପାକିସ୍ତାନ ଯାଇଥିବା ଜଣାପଡିବା ପରେ ପୋଲିସ ପକ୍ଷରୁ ଅଧିକ ଅନୁସନ୍ଧାନ କରାଯାଉଛି ।

ସବିଶେଷ ତଦନ୍ତ ପରେ ସୂଚନା ପ୍ରଦାନ କରାଯିବ ବୋଲି ପୁରୀ ଆରକ୍ଷୀ ଅଧିକ୍ଷକ ଭିନିତ୍ ଅଗ୍ରୱାଲ କହିଛନ୍ତି ।

## ତ୍ରିରଙ୍ଗା ଶୋଭାଯାତ୍ରା

ଅପରେସନ ସିନ୍ଦୂରର ସଫଳତାକୁ ନେଇ ଦେଶର ବୀର ସୈନିକମାନଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗୋନାଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଗୋନାଠାରୁ ଏକ ଶୋଭାଯାତ୍ରା ବାହାରି ଭାରଣ୍ଡି ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରାରେ ବିଭିନ୍ନ ବର୍ଗ ଲୋକମାନେ ଅଂଶଗ୍ରହଣ କରିଥିଲେ ।

ଭଦ୍ରକ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ମଧ୍ୟ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପରାକ୍ରମ ଶୋଭାଯାତ୍ରାରେ ଯୋଗଦେଇ ବିଭିନ୍ନ ପଞ୍ଚାୟତ ଓ ଗ୍ରାମ ପରିକ୍ରମା କରିଥିଲେ ।

## କେନ୍ଦ୍ର ବୈଜ୍ଞାନିକ ଦଳ ପରିଦର୍ଶନ

ନୂଆପଡା ଜିଲ୍ଲା ବୋଡେନ୍ ବ୍ଲକ ଅନ୍ତର୍ଗତ ମଣ୍ଡୋବିରଲି ଗ୍ରାମରେ ଫସଲ କ୍ଷତି ନେଇ କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ପ୍ରାୟ ୩୦୦ ଏକରରୁ ଅଧିକ ଚାଷଜମିରେ ରୋଗପୋକ ଯୋଗୁଁ ଫସଲ କ୍ଷତି ହୋଇଥିବା ପ୍ରତିନିଧି ଦଳ କହିଛନ୍ତି । ଫିମ୍ପି ମାରୁଥିବା ରୋଗ ପାଇଁ ଚାଷୀଙ୍କୁ ଔଷଧ ଦିଆଯାଇଥିଲେ ମଧ୍ୟ ସେମାନେ ତାହା ବ୍ୟବହାର କରି ନଥିବା କୁହାଯାଇଛି ।

# ପାଣିପାଗ

ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଆଜି ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝରଗଡ, ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଓ ଗଜପତି ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଏବଂ ଝଡ଼ ତୋଫାନର ସମ୍ଭାବନା ରହିଛି। ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ସେହିସମୟ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ।